ପାଠ- ୧୪

# ପର୍ବପର୍ବାଣି

## STUDY NOTES

ପିଲାମାନେ ତୁମେ ଜାଣିଛ ଆମେ କାହିଁକି ପର୍ବପର୍ବାଣି ପାଳନ କରୁ ?

ପର୍ବପର୍ବାଣି ଆମ ମନରେ ଆନନ୍ଦ କରିବା ସହ ଅତୀତ ଧର୍ମ ପୁରାଣ ବର୍ଣ୍ଣିତ କଥାକୁ ମନେପକାଇଦିଏ ।

ସମସ୍ତ ଦେବ ଦେବୀଙ୍କର ପୂଜାର୍ଚ୍ଚନା ସହ ଆମର ପର୍ବପର୍ବାଣି ଜଡ଼ିତ। ପର୍ବପର୍ବାଣି ଆମକୁ ଧର୍ମର ରାସ୍ତାରେ ଯିବାପାଇଁ ଦେଖାଇବାର ମାଧ୍ୟମ ଅଟେ।

ତୁମେ ମାନେ କେଉଁ କେଉଁ ପର୍ବପର୍ବାଣି ବିଷୟରେ ଜାଣିଛ ?

ଦୀପାବଳି, ହୋଲି, ରମ୍‌ଜାନ , ବଡ଼ଦିନ ଆଦି

ଆସ ଆମେ ଆଜି ସେହି ପର୍ବପର୍ବାଣି ବିଷୟରେ ଭଲଭାବରେ ଆଲୋଚନା କରିବା। ଏହି ପର୍ବପର୍ବାଣି ଗୁଡ଼ିକ ବିଭିନ୍ନ ଧର୍ମର ବ୍ୟକ୍ତି ନିଜ ଧର୍ମମତାନୁସାରେ ପାଳନ କରିଥାନ୍ତି।

ତୁମେ କେଉଁ କେଉଁ ଧର୍ମ ବିଷୟରେ ଜାଣିଛ ?

ହିନ୍ଦୁଧର୍ମ , ମୁସ୍‌ଲିମ୍ ଧର୍ମ, ଖ୍ରୀଷ୍ଟଧର୍ମ, ଶିଖଧର୍ମ ଆଦି

ବର୍ତ୍ତମାନ ଆମ ଆମେ ଜାଣିବା କେଉଁ ଧର୍ମର ଲୋକମାନେ କେଉଁ ପର୍ବପର୍ବାଣି ପାଳନ କରିଥାନ୍ତି।

୧) ଦୀପାବଳି ହିନ୍ଦୁଧର୍ମର ଲୋକମାନେ ପୂଜା କରିଥାନ୍ତି।

ଏହି ଦିନ ମା ଲକ୍ଷ୍ମୀ ଓ କାଳୀଙ୍କର ପୂଜା କରାଯାଏ ।

ଏହା କାର୍ତ୍ତିକ ମାସ ଶୁକ୍ଳପକ୍ଷରେ ପାଳନ କରାଯାଏ।



ODM EDUCATIONAL GROUP Changing your Tomorrow



୨) ରମ୍‌ଜାନ୍ ମୁସଲମାନ ଧର୍ମର ଲୋକମାନେ ପାଳନ କରିଥାନ୍ତି।

ଏହି ପର୍ବସମୟରେ ମୁସଲମାନ୍ ମାନେ ଏକ ମାସ ଧରି ଉପବାସ କରନ୍ତି ।

ସେମାନେ ଆଲ୍ଲାଙ୍କୁ ଖୁସି କରିବାପାଇଁ ଦାନ କରିବା ସହ ନମାଜ ପଢନ୍ତି।



୩) ବଡ଼ଦିନକୁ ଖ୍ରୀଷ୍ଟଧର୍ମର ଲୋକାମାନେ ପାଳନ କରନ୍ତି।

ଖ୍ରୀଷ୍ଟିୟାନ ଧର୍ମର ଲୋକେ ଚର୍ଚ୍ଚକୁ ଯାଇ ବଡଦିନ ପାଳନ କରନ୍ତି।

ସେମାନେ ଡିସେମ୍ବର ମାସ ୨୫ ତାରିଖକୁ ଯିଶୁଖ୍ରୀଷ୍ଟଙ୍କ ଜନ୍ମଦିନକୁ ବଡ଼ଦିନ ରୂପେ ପାଳନ କରନ୍ତି।





ଏହା ବ୍ୟତୀତ ତୁମ ବିଦ୍ୟାଳୟରେ ପାଳନ କରାଯାଉଥିବା ଦୁଇଟି ପର୍ବର ନାମ କ'ଣ ଜାଣିଛ ? ତଳେ ଦିଆଯାଇଥିବା ଚିତ୍ର ଦୁଇଟିକୁ ଲକ୍ଷ୍ୟ କର।

ଗଣେଶ ପୂଜା ପ୍ରତିବର୍ଷ ଭାଦ୍ରବମାସ ଶୁକ୍ଳପକ୍ଷଚତୁର୍ଥୀ ଦିନ ପାଳନ କରାଯାଏ। ଏହି ଦିନ ଗଣେଶ ଅର୍ଥାତ ବୁଦ୍ଧିଦାତାକୁ ପୂଜା କରାଯାଏ ।

ସରସ୍ୱତୀ ପୂଜା ପ୍ରତିବର୍ଷ ମାଘମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ପାଳନ କରାଯାଏ।

ଏହିଦିନ ସରସ୍ୱତୀ ଅର୍ଥାତ୍ ବୀଣାପାଣିଙ୍କୁ ପୂଜା କରାଯାଇଥାଏ।

ODM EDUCATIONAL GROUP Changing your Tomorrow

ଏହା ବ୍ୟତୀତ ଆମ ଓଡିଶାର କେଉଁ ଯାତ୍ରା ବିଶ୍ୱପ୍ରସିଦ୍ଧ ? ତୁମେ ମାନେ କ'ଣ ଜାଣିଛ ?

**<u>ରଥଯାତ୍ରା</u>**



'ହଁ' ପୁରୀର ରଥଯାତ୍ରା ବିଶ୍ୱପ୍ରସିଦ୍ଧ ଜଗତର ନାଥ ଜଗନ୍ନାଥ, ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ନେଇ ନିଜ ଜନ୍ମସ୍ଥାନକୁ ରଥରେ ବସି ଯାତ୍ରା କରନ୍ତି।

- ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଏହି ରଥଯାତ୍ରା ପାଳନ କରାଯାଏ ।
- ଏହି ଯାତ୍ରାରେ ରଥକୁ ସବୁ ଜାତି ଓ ଧର୍ମର ଲୋକମାନେ ବଡ଼ଦାଣ୍ଡରେ ଟାଣିଥାନ୍ତି ।

## ପର୍ବ ଓ ଜାତୀୟ ପର୍ବ-

ପିଲାମାନେ ପର୍ବ ଓ ଜାତୀୟ ପର୍ବ କ'ଣ ଜାଣିଛ ?

- ପର୍ବକୁ ନିର୍ଦ୍ଦିଷ୍ଟ ଧର୍ମର ଲୋକମାନେ ପାଳନ କରୁଥିବାବେଳେ ଜାତୀୟ ପର୍ବକୁ ସମସ୍ତ ଧର୍ମର ଲୋକମାନେ ମନାଇଥାନ୍ତି।

ପର୍ବ ଗୋଟିଏ ଦେଶର ନିର୍ଦ୍ଦିଷ୍ଟ ଜାଗାରେ କିଛି ନିର୍ଦ୍ଦିଷ୍ଟ ଧର୍ମର ଲୋକମାନେ ପାଳନ କଲାବେଳେ ଜାତୀୟ ପର୍ବ ଦେଶର ସମସ୍ତ ସମ୍ପ୍ରଦାୟ ପାଳନ କରିଥାନ୍ତି। ଜାତୀୟ ପର୍ବ ଦେଶହିତ ପାଇଁ ଉତ୍ସର୍ଗୀକୃତ ଦିନଟିକୁ ପାଳନ କରାଯାଏ।

ପିଲାମାନେ ଏବେ ବୁଝିପାରିଲ ପର୍ବ ଓ ଜାତୀୟ ପର୍ବ ମଧ୍ୟରେ କ'ଣ ଅନ୍ତର ଅଛି ?

ନିମ୍ନ ଚିତ୍ର ଦୁଇଟି ଲକ୍ଷ୍ୟ କର।



୧୯୪୭ ମସିହା
ଅଗଷ୍ଟ ୧୫



୧୯୫୦ ମସିହା
ଡିସେମ୍ବର ୨୬

ଏହି ଦୁଇଦିବସକୁ ଜାତୀୟ ଦିବସ ରୂପେ ସମଗ୍ର ଦେଶବାସୀ ପାଳନ କରନ୍ତି।

ଆମଦେଶ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ସ୍ୱାଧୀନ ହୋଇଥିଲା। ସ୍ୱାଧିନତା ଦିବସ ପ୍ରତିବର୍ଷ ଅଗଷ୍ଟ ମାସ ୧୫ ତାରିଖଟିକୁ ପାଳନ କରାଯାଏ। ଆମ ଦେଶ ଏହି ଦିନରେ ସ୍ୱାଧୀନତା ସଂଗ୍ରାମୀଙ୍କ ଆପ୍ରାଣ ଉଦ୍ୟମ ବଳରେ ଇଂରେଜ କବଳରୁ ମୁକ୍ତ ଅର୍ଥାତ ସ୍ୱାଧୀନ ହୋଇଥିଲା। ଠିକ୍ ସେହିପରି ଆମ ଦେଶର ଶାସନ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା ପାଇଁ ୧୯୫୦ ମସିହା ଜାନୁୟାରୀ ୨୬ ତାରିଖରେ ସମ୍ବିଧାନ ପ୍ରଣୟନ କରାଯାଇଥିଲା। ସେହିଦିନଠାରୁ ପ୍ରତିବର୍ଷ ଜାନୁୟାରୀ ମାସ ୨୬ ତାରିଖକୁ ସାଧାରଣତନ୍ତ୍ର ଦିବସ ବା ଗଣତନ୍ତ୍ର ଦିବସ ରୂପେ ପାଳନ କରୁ।

ଏବେ ଆସ ଏହି ପ୍ରଶ୍ନର ଉତ୍ତର କରିବା।

କ) କେଉଁ ଠାକୁରାଣୀଙ୍କୁ ଦୀପାବଳିରେ ପୂଜା କରନ୍ତି ?

ଖ) ଗଣେଶ ପୂଜା କେବେ ପାଳନ କରୁ ?

ଗ) ସରସ୍ୱତୀ ପୂଜାରେ କାହାକୁ ପୂଜା କରାଯାଏ ?

ଘ) କେଉଁ ଯାତ୍ରା ବିଶ୍ୱପ୍ରସିଦ୍ଧ ?

ଙ)ବଡଦିନ କେଉଁ ଧର୍ମର ଲୋକମାନେ ପାଳନ୍ତି ?

ଚ) କେଉଁ ଧର୍ମର ଲୋକମାନେ ରମ୍‌ଜାନ ପାଳନ୍ତି।

ଛ) ତୁମ ବିଦ୍ୟାଳୟରେ ପାଳନ କରାଯାଉଥିବା ୨ଟି ପର୍ବର ନାମ ଲେଖ ।

ଜ) ଦୀପାବଳି କେବେ ପାଳନ କରାଯାଏ ?

ଝ) ୪ଟି ପର୍ବପର୍ବାଣିର ନାମ  ଲେଖ ?

ଓ) ୩ଟି ଧର୍ମର ନାମ ଲେଖ ।

## ୨) ମିଳନ କର ।

| କ | ଖ |
| --- | --- |
| ସରସ୍ୱତୀ ପୂଜା | ଡିସେମ୍ବର ୨୫ |
| ଗଣେଶ ପୂଜା | କାର୍ତ୍ତିକ ମାସ କୃଷ୍ଣପକ୍ଷ ଅମାବାସ୍ୟା |
| ଦୀପାବଳି | ନମାଜ |
| ରଥଯାତ୍ରା | ମାଘମାସ ଶୁକ୍ଳପକ୍ଷ ଚତୁର୍ଥୀ |
| ରମ୍‌ଜାନ୍ | ଭାଦ୍ରବ ମାସ ଶୁକ୍ଳପକ୍ଷ ଚତୁର୍ଥୀ |
| ବଡଦିନ | ଆଷାଢ ମାସ ଶୁକ୍ଳପକ୍ଷ ଦ୍ୱିତୀୟା |

## ୩) ଗଦ୍ୟରୂପରୁ ପଦ୍ୟ ରୂପ ।

କାର୍ତ୍ତିକ- କାରତ୍ତିକ

ପଞ୍ଚମୀ- ପନ୍‌ଚମୀ

ଭାଦ୍ରବ- ଭାଦରବ

ଧର୍ମ- ଧରମ

ଜନ୍ମ- ଜନମ

ଶୁକ୍ଳପକ୍ଷ- ଶୁକଳପକ୍ଷ

ପର୍ବ- ପରବ

♦♦♦

ODM EDUCATIONAL GROUP Changing your Tomorrow